# NATIONAL NEWS BULLETIN (ODIA)

**28 March - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି ହୋଇଛି ।
- ହିମାଚଳ ପ୍ରଦେଶରେ ସମସ୍ତ ୪ଟି ଯାକ ଲୋକସଭା ଆସନ ନିର୍ବାଚନ ସହ ୬ଟି ବିଧାନସଭା ଆସନ ଉପନିର୍ବାଚନ ଅନୁଷ୍ଠିତ ହେବ ।
- ଆର୍ମି କମାଣ୍ଡର୍ସ କନ୍‌ଫରେନ୍ସ-୨୦୨୪ ଆଜିଠାରୁ ନୂଆଦିଲ୍ଲୀରେ ଆରମ୍ଭ ହୋଇଛି ।
- କେନ୍ଦ୍ର ସରକାର ନାଗାଲାଣ୍ଡର ୮ଟି ଜିଲ୍ଲା ଓ ଅରୁଣାଚଳ ପ୍ରଦେଶର ୩ଟି ଜିଲ୍ଲାରେ ଏପ୍ରିଲ ପହିଲାରୁ ସଶସ୍ତ୍ରବାହିନୀ ସ୍ୱତନ୍ତ୍ର କ୍ଷମତା ଆଇନ୍‌ର ସମ୍ପ୍ରସାରଣ କରିବେ ।

ଏବଂ

- କେନ୍ଦ୍ର ସରକାର ୨୦୨୪-୨୫ ପାଇଁ ମନରେଗା ବାବଦ ମଜୁରୀକୁ ସଂଶୋଧନ କରିଛନ୍ତି ।

## ସେକେଣ୍ଡ ଫେଜ୍ ନୋଟିଫିକେସନ

ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି ହୋଇଛି । ଏହି ପର୍ଯ୍ୟାୟରେ ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଅଣାନବେଟି ଲୋକସଭା ଆସନରେ ମତଦାନ ହେବ । କେରଳର ୨୦ଟି ଲୋକସଭା ଆସନ, କର୍ଣ୍ଣାଟକର ୧୪ଟି, ରାଜସ୍ଥାନର ୧୩ଟି, ଉତ୍ତରପ୍ରଦେଶ ଓ ମହାରାଷ୍ଟ୍ରର ୮ଟି ଲେଖାଏଁ, ମଧ୍ୟପ୍ରଦେଶର ୭ଟି, ଆସାମ ଓ ବିହାରର ୫ଟି ଲେଖାଏଁ, ପଶ୍ଚିମବଙ୍ଗ ଓ ଛତିଶଗଡ଼ର ୩ଟି ଲେଖାଏଁ ଏବଂ ମଣିପୁର, ତ୍ରିପୁରା ଓ ଜାମ୍ମୁ କାଶ୍ମୀରର ଗୋଟିଏ ଲେଖାଏଁ ଲୋକସଭା ଆସନରେ ମତଦାନ ହେବ । ପ୍ରାର୍ଥିପତ୍ର ଦାଖଲ ଏପ୍ରିଲ୍ ୪ ତାରିଖରେ ହେବ ଓ ମତଦାନ ଏପ୍ରିଲ୍ ୨୬ ତାରିଖରେ ହେବ । ଜାମ୍ମୁ-କାଶ୍ମୀର ବ୍ୟତୀତ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ଏପ୍ରିଲ ୫ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ ହେବ । ଜାମ୍ମୁ-କାଶ୍ମୀରରେ ୬ ତାରିଖରେ ପ୍ରାର୍ଥୀପତ୍ରଗୁଡ଼ିକୁ ଯାଞ୍ଚ କରାଯିବ ।

## ଏଚ୍‌ପି ଷ୍ଟେଟ୍ ପ୍ରୋଫାଇଲ

ହିମାଚଳ ପ୍ରଦେଶରେ ସମସ୍ତ ୪ଟିଯାକ ଲୋକସଭା ଆସନ ନିର୍ବାଚନ ସହ ୬ଟି ବିଧାନସଭା ଆସନ ଉପନିର୍ବାଚନ ମଧ୍ୟ ଅନୁଷ୍ଠିତ ହେବ । ମଣ୍ଡି, ହମିରପୁର, କାଙ୍ଗଡା ଓ ସିମ୍‌ଲା ଲୋକସଭା ଆସନ ସହିତ

ସେହି ୬ଟି ବିଧାନସଭା ଆସନ ଉପନିର୍ବାଚନ ପାଇଁ ଜୁନ୍ ପହିଲାରେ ମତଦାନ ହେବ । ଏଥିପାଇଁ ମେ’ ୭ ତାରିଖରେ ବିଜ୍ଞପ୍ତି ଜାରି ହେବ । ମେ’ ୧୪ ତାରିଖରେ ପ୍ରାର୍ଥୀପତ୍ର ଦାଖଲ ଆରମ୍ଭ ହେବ ।

ହିମାଚଳ ପ୍ରଦେଶରେ ୪ଟି ଯାକ ଲୋକସଭା ଓ ୬ଟି ବିଧାନସଭା ଆସନରେ ଗୋଟିଏ ପର୍ଯ୍ୟାୟରେ ମତଦାନ ହେବ । ବିଜେପି ୬ଟି ଯାକ ବିଧାନସଭା ଆସନ ପାଇଁ ପ୍ରାର୍ଥୀମାନଙ୍କର ନାମ ଘୋଷଣା କରିଛି । ଅନ୍ୟପକ୍ଷରେ କଂଗ୍ରେସ ପ୍ରାର୍ଥୀ ଏହାର ପ୍ରାର୍ଥୀପତ୍ର ନାମ ଘୋଷଣା କରିନାହିଁ । ବିଜେପି କେନ୍ଦ୍ରୀୟ ନିର୍ବାଚନ କମିଟି ଅନୁରାଗ ଠାକୁରଙ୍କୁ ହମିରପୁର ଲୋକସଭା ଆସନରୁ ପଞ୍ଚମବାର ଲାଗି ଛିଡା କରାଇଛି । ଚଳଚ୍ଚିତ୍ର ଅଭିନେତ୍ରୀ କଙ୍ଗନା ରାନଓ୍ଵତ ମଣ୍ଡି ଲୋକସଭା ଆସନରୁ ପ୍ରାର୍ଥୀ ହୋଇଛନ୍ତି । ସିମ୍ଲା ଲୋକସଭା ଆସନରୁ ସୁରେଶ କାଶ୍ୟପ ପ୍ରାର୍ଥୀ ହୋଇଥିବାବେଳେ କଙ୍ଗଡା ଆସନରୁ ରାଜୀବ ଭରଦ୍ଵାଜ ପ୍ରାର୍ଥୀ ହୋଇଛନ୍ତି ।

ଉପନିର୍ବାଚନ ହେବାକୁ ଥିବା ବିଧାନସଭା ଆସନଗୁଡ଼ିକ ହେଲା ଧର୍ମଶାଳା, ସୁଜନପୁର, କୁଟ୍ଲାହର, ଗାଗ୍ରେଟ୍, ବରସର ଓ ଲାହୁଲ ସ୍ପିତି । ଫେବୃୟାରୀ ୨୭ ତାରିଖ ରାଜ୍ୟସଭା ନିର୍ବାଚନରେ କଂଗ୍ରେସରୁ ୬ଜଣ ଏମ୍.ଏଲ୍.ଏ ଓ ଜଣେ ନିର୍ଦ୍ଦଳୀୟ  ପ୍ରାର୍ଥୀ ବିଜେପି ପ୍ରାର୍ଥୀ ହର୍ଷ ମହାଜନଙ୍କୁ ଭୋଟ୍ ଦେବାରୁ ହିମାଚଳ ପ୍ରଦେଶରୁ କଂଗ୍ରେସ ସରକାର ଅସୁବିଧାର ସମ୍ମୁଖୀନ ହୋଇଥିଲା । ବିଧାନସଭା ବାଚସ୍ପତି ସେହି ୬ଜଣ କଂଗ୍ରେସ ଏମ୍.ଏଲ୍.ଏଙ୍କୁ ଅଯୋଗ୍ୟ ଘୋଷଣା କରିଥିଲେ । ଏହାପରେ

ସେହି ୬ଜଣ ଏମ୍.ଏଲ୍.ଏ କଂଗ୍ରେସ ଛାଡି ବିଜେପିରେ ଯୋଗ ଦେଇଥିଲେ ।

ରାଜ୍ୟ ମୁଖ୍ୟ ନିର୍ବାଚନ ଅଫିସର ମନୀଷ ଗର୍ଗ କହିଛନ୍ତି ମୋଟ୍ ୭ହଜାର ୯୯୦ଟି ଭୋଟ୍‌ଗ୍ରହଣ କେନ୍ଦ୍ର ସ୍ଥାପନ କରାଯିବ । ଏପର୍ଯ୍ୟନ୍ତ ୫୬ଲକ୍ଷ ୩୮ହଜାର ମତଦାତା ପଞ୍ଜିକୃତ ହୋଇଛନ୍ତି ଓ ମେ' ୪ ତାରିଖ ପର୍ଯ୍ୟନ୍ତ ଭୋଟର ପଞ୍ଜିକରଣ ଜାରି ରହିବ ।

## ଆର୍ମି କମାଣ୍ଡର୍ସ କନ୍‌ଫରେନ୍ସ

ଆର୍ମି କମାଣ୍ଡର୍ସ କନ୍‌ଫରେନ୍ସ-୨୦୨୪ ଆଜିଠାରୁ ନୂଆଦିଲ୍ଲୀରେ ଆରମ୍ଭ ହୋଇଛି । ଏହି ସମ୍ମିଳନୀ ହାଇବ୍ରିଡ୍ ମୋଡ୍‌ରେ ହେଉଛି । ସମ୍ମିଳନୀ ସମୟରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଆସନ୍ତା ମାସ ୨ ତାରିଖରେ ଉଦ୍‌ବୋଧନ ଦେବେ ଓ ବରିଷ୍ଠ ସାମରିକ ଅଫିସରମାନଙ୍କ ସହ ବାର୍ତ୍ତାଳାପ କରିବେ । ସମ୍ମିଳନୀର ଆଜି ପ୍ରଥମ ଦିନରେ ସେନାବାହିନୀ ମୁଖ୍ୟ ଜେନେରାଲ୍ ମନୋଜ ପାଣ୍ଡେ ସେନାବାହିନୀ କମାଣ୍ଡରମାନଙ୍କ ସହ ଭର୍ଚୁଆଲ ଉପାୟରେ କଥାବାର୍ତ୍ତା କରିବେ । ଆଲୋଚନାରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସ୍ଥାନ ପାଇବ ।

ଏପ୍ରିଲ ପହିଲା ଦିନ ସେନାବାହିନୀର ବରିଷ୍ଠ ଅଫିସରମାନେ ଆଲୋଚନାରେ ଅଂଶ ଗ୍ରହଣ କରିବେ । ଏଥିରେ କାର୍ଯ୍ୟାନୁଷ୍ଠାନ ପଦ୍ଧତି, ନବୀକରଣ ଓ ନୂଆ ନୂଆ ପଦ୍ଧତି ଅନ୍ତର୍ଭୁକ୍ତ କରାଯିବା ଓ ତାଲିମ ଏବଂ ବିକାଶ କାର୍ଯ୍ୟକ୍ରମରେ ପୁଞ୍ଜି ନିବେଶ କରିବା ପ୍ରଭୃତି ସ୍ଥାନ ପାଇବ । ଏହା

ପରେ ଆର୍ମି ଗ୍ରୁପ୍ ଇନ୍ସୁରାନ୍ସ ର ଇନ୍‌ଭେଷ୍ଟ ଆଡଭାଇଜରୀ କମିଟି ବୈଠକ ବସିବ । ଏଥିରେ ସେନାବାହିନୀ ମୁଖ୍ୟ ଅଧ୍ୟକ୍ଷତା କରିବେ । ଏହି ବୈଠକରେ ଯବାନମାନଙ୍କ ଆର୍ଥିକ ସୁରକ୍ଷା ଏବଂ ଅବସରପ୍ରାପ୍ତ କର୍ମଚାରୀ ଓ ସେମାନଙ୍କ ପରିବାରର ଆର୍ଥିକ ସୁରକ୍ଷା ବିଷୟ ସ୍ଥାନ ପାଇବ । ସମ୍ମିଳନୀର ଶେଷଦିନରେ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଜେନେରାଲ୍ ଅନୀଲ ଚୌହାନ୍, ନୌବାହିନୀ ମୁଖ୍ୟ ଆଡମିରାଲ୍ ଆର୍.ହରି କୁମାର ଓ ବିମାନ ବାହିନୀ ମୁଖ୍ୟ ମାର୍ଶାଲ ବି.ଆର୍. ଚୌଧୁରୀ ଉଦ୍‌ବୋଧନ ଦେବେ । ଏଥିରେ ପ୍ରତିରକ୍ଷା ସଚିବ ଗିରିଧର ଅର୍ମାନେ ଓ ଅନ୍ୟ ଅଫିସରମାନେ ଯୋଗଦେବେ ।

## ସେଣ୍ଟର-ମନରେଗା

କେନ୍ଦ୍ର ସରକାର ୨୦୨୪-୨୫ ପାଇଁ ମନରେଗା ବାବଦ ମଜୁରୀକୁ ସଂଶୋଧନ କରି ବିଜ୍ଞପ୍ତି ଜାରି କରିଛନ୍ତି । ହରିୟାଣାରେ ଅଣପ୍ରଶିକ୍ଷିତ ଶ୍ରମିକମାନଙ୍କ ଦୈନିକ ମଜୁରୀ ୩୭୪ଟଙ୍କା ହେବ । ଗୋଆରେ ତାହା ୩୫୬ଟଙ୍କା, କର୍ଣ୍ଣାଟକରେ ୩ଶହ ଅଣଚାଶ ଟଙ୍କା, କେରଳରେ ୩୪୬ଟଙ୍କା ଓ  ପଞ୍ଜାବରେ ୩୨୨ ଟଙ୍କା ହେବ । ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟ କହିଛି ଏପ୍ରିଲ ପହିଲାରୁ ନୂଆ ମଜୁରୀ ମିଳିବ । ଗତବର୍ଷ ମାର୍ଚ୍ଚ ମାସରେ ମନରେଗା ମଜୁରୀରେ ଶେଷ ସଂଶୋଧନ କରାଯାଇଥିଲା ।

# ଏନ୍‌ଟିଏ-ଜେଇଇ-ମେନ୍‌ସ

ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି JEE Mains Second Session ପାଇଁ ପରୀକ୍ଷା ଦେଉଥିବା ପରୀକ୍ଷାର୍ଥୀମାନଙ୍କ ଲାଗି ଆଗୁଆ ଇଣ୍ଟିମେସନ ସ୍ଲିପ୍ ଜାରି କରିଛି । ଆବେଦନକାରୀ ମାନଙ୍କ ପାଇଁ ପରୀକ୍ଷା ଦେବାକୁ ଥିବା ସହର ଗୁଡ଼ିକୁ ବଣ୍ଟନ କରିବା ଉଦ୍ଦେଶ୍ୟରେ ଏଭଳି କରାଯାଉଛି । JEE Mains Second Session ଏପ୍ରିଲ ୪ ତାରିଖରୁ ଏପ୍ରିଲ ୧୨ ତାରିଖ ମଧ୍ୟରେ ହେବ । ସେଗୁଡ଼ିକ ଦେଶର ୩୧୯ଟି ସହରରେ ଅନୁଷ୍ଠିତ ହେବ । ତାହାମଧ୍ୟରେ ବିଦେଶର ୨୨ଟି ସହରରେ ମଧ୍ୟ ଏହା ଅନୁଷ୍ଠିତ ହେବ । ପ୍ରତିଦିନ ଦୁଇଟି ସିଟ୍‌ରେ ପରୀକ୍ଷା ହେବ । ପ୍ରଥମ ସିଟ୍ ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ହେବ ଓ ଦ୍ୱିତୀୟ ସିଟ୍ ଅପରାହ୍ଣ ୩ଟାରୁ ସଂଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ । ୧୨ତାରିଖ ଦିନ କେବଳ ସକାଳ ସିଟ୍‌ରେ ପରୀକ୍ଷା ହେବ । ପରୀକ୍ଷାର୍ଥୀମାନେ ନ୍ୟାସନାଲ ଟେଷ୍ଟିଙ୍ଗ ଏଜେନ୍ସି ଓ୍ୱେବସାଇଟ୍‌ରୁ ପରୀକ୍ଷା ହେଉଥିବା ସେମାନଙ୍କ ସହରର ନାମ ଜାଣିପାରିବେ । ଏଥିପାଇଁ ସେମାନଙ୍କୁ ଆପ୍ଲିକେଶନ ନମ୍ବର ଓ ଜନ୍ମ ତାରିଖ ବ୍ୟବହାର କରିବାକୁ ହେବ । ପରୀକ୍ଷା ସମୟର ଇଣ୍ଟିମେଶନ ସ୍ଲିପ୍‌କୁ ଆଡ୍‌ମିଟ୍ କାର୍ଡ ଭାବେ ବ୍ୟବହାର କରାଯାଇ ପାରିବ ନାହିଁ ।

## ଆସାମ ପୋଲ୍ସ

ଆସାମରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଗୁଡ଼ିକର ଯାଞ୍ଚ କରାଯାଉଛି । ଏହି ପର୍ଯ୍ୟାୟରେ ୫ଟି ଆସନରେ ମତଦାନ ହେବ । ପ୍ରଥମ ପର୍ଯ୍ୟାୟରେ ୩୮ଜଣ ପ୍ରାର୍ଥୀ ମନୋନୟନ ପତ୍ର ଦାଖଲ କରିଛନ୍ତି । ବିଜେପିରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲ, ସାଂସଦ ପ୍ରଧାନ ବରୁଆ ଓ ପୂର୍ବତନ ରାଜ୍ୟମନ୍ତ୍ରୀ ରଞ୍ଜିତ୍ ଦତ୍ତ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । କଂଗ୍ରେସ ସାଂସଦ ଗୌରବ ଗୋଗୋଇ, ପୂର୍ବତନ ଏମ୍.ଏଲ୍.ଏ ରୋଜଲିନା ତିର୍କୀ ମଧ୍ୟ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ଆସାମ ଜାତୀୟ ପରିଷଦ ସଭାପତି ଲୁରିନ୍ ଜ୍ୟୋତି ଗୋଗୋଇ ଶ୍ରୀ ସୋନଓ୍ୱାଲଙ୍କ ବିପକ୍ଷରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ଇତିମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ରାଜ୍ୟରେ ପ୍ରାର୍ଥୀପତ୍ର ଦାଖଲ ଆରମ୍ଭ ହୋଇଛି । ଏହି ପର୍ଯ୍ୟାୟରେ ସିଲ୍ସର ଓ ନାଗାଓଁ ସମେତ ୫ଟି ଆସନରେ ମତଦାନ ହେବ ।

## ତେଲେଙ୍ଗାନା ବାଇ ଇଲେକ୍ସନ

ତେଲେଙ୍ଗାନାରେ ମହବୁବ୍ ନଗର ସ୍ଥାନୀୟ ସ୍ୱାୟତ୍ତ ସଂସ୍ଥା ଏମ୍.ଏଲ୍.ସି ଉପ ନିର୍ବାଚନ ପାଇଁ ୧୦ଟି ଭୋଟ୍‌ଗ୍ରହଣ କେନ୍ଦ୍ରରେ ୧୪ଶହ ଅଣଚାଳିଶ ଜଣ ମତଦାତା ଭୋଟ୍ ଦେଉଛନ୍ତି । ସକାଳ ୮ଟାରୁ ମତଦାନ ଆରମ୍ଭ ହୋଇଛି ଓ ଅପରାହ୍ଣ ୪ଟାରେ ଶେଷ ହେବ । ଭାରତ ରାଷ୍ଟ୍ରସମିତି

ଏମ୍.ଏଲ୍.ସି’ କେ. ନାରାୟଣ ରେଡ୍ଡୀ ଇସ୍ତଫା ଦେବାରୁ ଏହି ଉପ ନିର୍ବାଚନ ହେଉଛି । ବିଧାନସଭା ନିର୍ବାଚନ ପୂର୍ବରୁ ସେ କଂଗ୍ରେସରେ ଯୋଗ ଦେଇଥିଲେ । ସେ କଲୱ୍ୱା କୁର୍ତ୍ତୀ ବିଧାନସଭା ଆସନରୁ ନିର୍ବାଚିତ ହୋଇଥିଲେ । କଂଗ୍ରେସ ଏମ୍. ଜୀବନ ରେଡ୍ଡୀଙ୍କୁ ପ୍ରାର୍ଥୀ କରିଥିବାବେଳେ ଭାରତ ରାଷ୍ଟ୍ରସମିତି ନବୀନ କୁମାର ରେଡ୍ଡୀଙ୍କୁ ପ୍ରାର୍ଥୀ କରିଛି ।

## ୟୁକ୍ରେନ୍-ଏଫ୍ଏମ୍ ଭିଜିଟ୍

ୟୁକ୍ରେନ ବୈଦେଶିକ ମନ୍ତ୍ରୀ ଦିମିତ୍ରୋ କୁଲେବା ଭାରତକୁ ଦୁଇଦିନ ଗସ୍ତରେ ଆସି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ତାଙ୍କୁ ଆମନ୍ତ୍ରଣ କରିଥିଲେ । ତାଙ୍କର ଏହି ଗସ୍ତ ସମୟରେ ସେ ବୈଦେଶିକ ମନ୍ତ୍ରୀ ଓ ଉପ-ଜାତୀୟ ନିରାପତ୍ତା ଉପଦେଷ୍ଟାଙ୍କ ସହ କଥାବାର୍ତ୍ତା କରିବେ । ବୈଦେଶିକ ମନ୍ତ୍ରଣାଳୟ କହିଛି ଉଭୟ ବୈଦେଶିକ ମନ୍ତ୍ରୀ ଦ୍ୱିପକ୍ଷୀୟ ଭାଗିଦାରୀ ଓ ସହଯୋଗ ଏବଂ ଆଞ୍ଚଳିକ ଓ ଆନ୍ତର୍ଜାତିକ ପ୍ରସଙ୍ଗରେ ଆଲୋଚନା କରିବେ । ୟୁକ୍ରେନ୍ ବୈଦେଶିକ ମନ୍ତ୍ରୀ ଉଦ୍ୟୋଗପତିମାନଙ୍କ ସହ ବାର୍ତ୍ତାଳାପ କରିବାର ଆଶା କରାଯାଉଛି ।

# କଂଗ୍ରେସ-ବିଜେପି

ଦେଶରେ ମହିଳା ଓ ଶିଶୁମାନଙ୍କ ପ୍ରତି ଅପରାଧ ବୃଦ୍ଧି ପାଉଥିବାରୁ କଂଗ୍ରେସ' ବିଜେପିର କଟୁ ସମାଲୋଚନା କରିଛି । ନୂଆଦିଲ୍ଲୀରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ବେଳେ ମହିଳା କଂଗ୍ରେସ ସଭାପତି ଅଲକା ଲାମ୍ବା' ବ୍ରିଜ୍‌ଭୂଷଣ ସିଂହ ବିରୁଦ୍ଧରେ ବିଜେପି କୌଣସି ପଦକ୍ଷେପ ନେଉନଥିବାରୁ ଏହାଉପରେ ପ୍ରଶ୍ନ ଉଠାଇଛନ୍ତି । ବି.ଏଚ୍.ୟୁ ଛାତ୍ରୀଙ୍କ ସାମୁହିକ ବଳାତ୍କାରରେ ବିଜେପି ଆଇ.ଟି. ସେଲ୍ କର୍ମଚାରୀମାନେ ସମ୍ପୃକ୍ତ ଥିବାରୁ ସେ ମଧ୍ୟ ଏହା ଉପରେ ପ୍ରଶ୍ନ ଉଠାଇଛନ୍ତି ।